# NATIONAL NEWS BULLETIN (ODIA)
## 20th July - 2024
## Morning Bulletin : 7.15 a.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ମାଇକ୍ରୋସଫ୍ଟ ସଫ୍ଟୱେୟାରରେ ତ୍ରୁଟି ଯୋଗୁଁ ବିଶ୍ୱର ଅଧିକାଂଶ ଦେଶରେ ବିମାନ, ସ୍ୱାସ୍ଥ୍ୟ ଓ ବ୍ୟାଙ୍କ୍ ସେବା ଅଚଳ ।

— ଭାରତୀୟ ଅର୍ଥ ନେଣଦେଣ ବ୍ୟବସ୍ଥା ପ୍ରଭାବିତ ହୋଇ ନ ଥିବା ସ୍ପଷ୍ଟ କଲା ରିଜର୍ଭ ବ୍ୟାଙ୍କ୍ ।

- ଗୁଜରାଟ୍‌ରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ।

- ଅମରନାଥ ଗୁମ୍ଫା ପରିଦର୍ଶନ ପାଇଁ ଯାତ୍ରା ଆରମ୍ଭ କଲେ ୩ ହଜାର ୪୭୧ ଜଣ ତୀର୍ଥଯାତ୍ରୀ ।

- ବାଂଲାଦେଶରେ ପରିସ୍ଥିତି ଅଣାୟତ୍ତ; ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଜାରି ଓ ସେନା ମୁତୟନ ।

ଏବଂ

- ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ପାକିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କଲା ଭାରତ ।

## ୱାର୍ଲଡ୍‌ୱାଇଡ୍ - ଆଇ.ଟି. ଆଉଟେଜ୍

ମାଇକ୍ରୋସଫ୍ଟ ସଫ୍ଟୱେୟାର୍‌ରେ ତ୍ରୁଟି ଦେଖାଦେବା ଯୋଗୁଁ ଗତକାଲି ଅନେକ ସମୟ ଧରି ବିଶ୍ୱର ଅନେକ ଦେଶରେ ବିମାନ ସେବା, ସ୍ୱାସ୍ଥ୍ୟସେବା ଓ ବ୍ୟାଙ୍କ୍‌ସେବାରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ଏବେ ତ୍ରୁଟିରେ ସୁଧାର ଆସିବା ପରେ ସେହିସବୁ ବ୍ୟବସ୍ଥାଗୁଡ଼ିକ ସ୍ୱାଭାବିକ ହେଉଛି । ସାରା ବିଶ୍ୱରେ ମାଇକ୍ରୋସଫ୍ଟ ବ୍ୟବହାର କରୁଥିବା ବିଭିନ୍ନ ସଂସ୍ଥା ଅନ୍‌ଲାଇନ୍ ଜରିଆରେ କାର୍ଯ୍ୟ କରିବା ସମ୍ଭବ ନ ହେବାରୁ କୋଟି କୋଟି ଲୋକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସୂଚନା ଅନୁଯାୟୀ ଆମେରିକାର ସାଇବର ସୁରକ୍ଷା ସଂସ୍ଥା କ୍ରାଉଡ୍ ଷ୍ଟ୍ରାଇକ୍ ଏକ ସଫ୍ଟୱେୟାର ଅପ୍‌ଡେଟ୍ ପାଇଁ ଦେଇଥିବା ପ୍ୟାଚ୍‌ରେ ବୈଷୟିକ ତ୍ରୁଟି ରହିଥିବାରୁ ମାଇକ୍ରୋସଫ୍ଟ ୱିଣ୍ଡୋଜ୍ ପରିଚାଳନା ବ୍ୟବସ୍ଥା ଅଚଳ ହୋଇପଡ଼ିଥିଲା । ଫଳରେ ସାରା ବିଶ୍ୱରେ ବ୍ୟାବସାୟିକ, ବ୍ୟାଙ୍କିଙ୍ଗ୍, ଡାକ୍ତରଖାନା ଏବଂ ବିମାନ ପରିଚାଳନାରେ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହୋଇଥିଲା ।

ଇତିମଧ୍ୟରେ ମାଇକ୍ରୋସଫ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ନଡେଲା ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, କ୍ରାଉଡ୍ ଷ୍ଟ୍ରାଇକ୍ ସହ ମିଳିତ ଭାବେ ଏହି ଅସୁବିଧା ଦୂର କରିବା ଲାଗି ପଦକ୍ଷେପ ନିଆଯାଇଛି ଏବଂ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା ଲାଗି ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି । ଅନ୍ୟପକ୍ଷରେ କ୍ରାଉଡ୍ ଷ୍ଟ୍ରାଇକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଭଳି ତ୍ରୁଟି ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି ଏବଂ ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନିଆଯାଇଥିବା କହିଛନ୍ତି । ତେବେ ସମ୍ପୂର୍ଣ୍ଣଭାବେ ମାଇକ୍ରୋସଫ୍ଟ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ କିଛି ସମୟ ଲାଗିବ ବୋଲି ସେ କହିଛନ୍ତି ।

ଗତକାଲି ଏହି ତ୍ରୁଟି ଦେଖାଦେବା ପରେ ହଜାର ହଜାର ସଂଖ୍ୟାର ବିମାନ ଉଡ଼ାଣ ବାତିଲ୍ କରାଯିବା ସହ କେତେକ କ୍ଷେତ୍ରରେ ଏକ ସପ୍ତାହ ପର୍ଯ୍ୟନ୍ତ ସମସ୍ତ ଉଡ଼ାଣ ବାତିଲ୍ କରାଯାଇଛି । ଭାରତରେ କେତେକ ବିମାନ ସେବା ଅନ୍‌ଲାଇନ୍ ପରିବର୍ତ୍ତେ ଅଫ୍‌ଲାଇନ୍ ଜରିଆରେ ପରିଚାଳନା କରାଯାଇଥିବାବେଳେ ଚେକି – ଇନ୍ ଏବଂ ବୋର୍ଡ଼ିଂ ପାଇଁ ଯାତ୍ରୀମାନଙ୍କୁ ବହୁ ପୂର୍ବରୁ ଆସିବାକୁ କୁହାଯାଇଥିଲା । ନୂଆଦିଲ୍ଲୀର ଇନ୍ଦିରାଗାନ୍ଧି ଆନ୍ତର୍ଜାତିକ ବିମାନ ବନ୍ଦରରେ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଥିଲା ।

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସରକାର ମାଇକ୍ରୋସଫ୍ଟ ସହ ଯୋଗାଯୋଗରେ ଅଛନ୍ତି ଏବଂ ଖୁବ୍ ଶୀଘ୍ର ପରିସ୍ଥିତି ସ୍ୱାଭାବିକ ହେବ ବୋଲି ଜଣାପଡ଼ିଛି । ଏକ ସାମାଜିକ ଗଣମାଧ୍ୟମ

ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଇଣ୍ଡିଆନ୍ କମ୍ପ୍ୟୁଟର ଇମର୍ଜେନ୍ସି ରେସ୍ପନ୍ସ ଟିମ୍ ଅନ୍ୟ ବୈଷୟିକ ସଂସ୍ଥାଗୁଡ଼ିକ ସହ ଏକତ୍ର କାର୍ଯ୍ୟ କରୁଛନ୍ତି । କେତେକ କ୍ଷେତ୍ରରେ ଆଂଶିକ ଭାବେ ସୁଧାର ଆସିଥିବା ସେ କହିଛନ୍ତି ।

## ଆର୍.ବି.ଆଇ. - ଆଇ.ଟି. ଆଉଟେଜ୍

ମାଇକ୍ରୋସଫ୍ଟରେ ଦେଖାଦେଇଥିବା ବୈଷୟିକ ତ୍ରୁଟି ଯୋଗୁଁ ଭାରତୀୟ ଅର୍ଥ ନେଣଦେଣ ବ୍ୟବସ୍ଥା ମୋଟାମୋଟି ଭାବେ ପ୍ରଭାବିତ ହୋଇ ନ ଥିବା ଜଣାପଡ଼ିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଏନେଇ ସୂଚନା ଦେଇ କହିଛି, ୧୦ଟି ବ୍ୟାଙ୍କ୍ ଓ ଅଳ୍ପ କେତୋଟି ଆର୍ଥିକ ପରିଚାଳନା ସଂସ୍ଥାର କାର୍ଯ୍ୟ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ପରେ ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି । ଦେଶର ଅଳ୍ପ କେତୋଟି ବ୍ୟାଙ୍କିଙ୍ଗ୍ ପ୍ରତିଷ୍ଠାନ କ୍ରାଉଡ୍ ଷ୍ଟ୍ରାଇକ୍ ସଫ୍ଟୱେୟାର ବ୍ୟବହାର କରୁଥିବା ଯୋଗୁଁ ଦେଶର ଅର୍ଥ ବ୍ୟବସ୍ଥା ପରିଚାଳନାରେ ଅସୁବିଧା ସୃଷ୍ଟି ନାହିଁ । ତେବେ ଏକ୍ଷେତ୍ରରେ ଆହୁରି ସତର୍କ ରହିବା ଲାଗି ଆର୍.ବି.ଆଇ. ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି ।

## ଗୁଜରାଟ୍ - ଫ୍ଲଡ୍

ଗୁଜରାଟ୍‌ର ସୌରାଷ୍ଟ୍ର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗତ ଦୁଇ ଦିନ ହେବ ପ୍ରବଳ ବର୍ଷା ହେଉଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଦେବଭୂମି ଦ୍ୱାରକା ଏବଂ ପୋର୍ ବନ୍ଦରରେ ଗତ ୩୬ ଘଣ୍ଟା ମଧ୍ୟରେ ୨୦ ଇଞ୍ଚ୍ ବର୍ଷା ହେବା ଫଳରେ ପରିସ୍ଥିତି ଉଦ୍‌ବେଗଜନକ ରହିଛି । ଭାରତୀୟ ପାଣିପାଗ ବିଭାଗ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ସୌରାଷ୍ଟ୍ରର ୯ଟି ଜିଲ୍ଲା ଏବଂ ଦକ୍ଷିଣ ଗୁଜରାଟର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ।

ପ୍ରବଳ ବର୍ଷା ଯୋଗୁଁ ପୋର୍ ବନ୍ଦର ଏବଂ ଦେବଭୂମି ଦ୍ୱାରକା ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏହି ଦୁଇଟି ଜିଲ୍ଲାର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଛି । ସେଠାକାର ରିଲିଫ୍ କମିଶନର ଆଲୋକ କୁମାର ପାଣ୍ଡେ କହିଛନ୍ତି, ୫୭ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି ଏବଂ ସେହିସବୁ ପ୍ରଭାବିତ ଅଞ୍ଚଳରେ ଏନ୍.ଡି.ଆର୍.ଏଫ୍. ଏବଂ ଏସ୍.ଡି.ଆର୍.ଏଫ୍.ର ୧୦ଟି ଲେଖାଏଁ ଦଳକୁ ମୁତୟନ କରାଯାଇଛି । ପ୍ରାୟ ୪୦୦ ଲୋକଙ୍କୁ ବନ୍ୟାଘେରରୁ ଉଦ୍ଧାର କରାଯାଇଥିବାବେଳେ ୪୫ ଜଣ ବନ୍ୟା ପ୍ରଭାବିତ ଅଞ୍ଚଳରେ ଅଟକି ରହିଛନ୍ତି । ୩୫୦ଟି ଗ୍ରାମରେ ବିଦ୍ୟୁତ୍ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ଆମ

ସମ୍ବାଦଦାତା ଜଣାଇଛନ୍ତି । ରାଜ୍ୟର ୧୩ଟି ଡ୍ୟାମ୍ ଉପରେ ସତର୍କ ଦୃଷ୍ଟି ରଖାଯାଇଥିବା ଜଣାପଡ଼ିଛି ।

## ଅମରନାଥ ଯାତ୍ରା - ଜମ୍ମୁ

ଅମରନାଥ ଗୁମ୍ଫା ପରିଦର୍ଶନ ପାଇଁ ଆଜି ସକାଳେ ଜମ୍ମୁର ଭଗବତୀ ନଗର ଯାତ୍ରୀନିବାସ ମୂଳଶିବିରରୁ ୩ ହଜାର ୪୭୧ ଜଣ ତୀର୍ଥଯାତ୍ରୀ କାଶ୍ମୀର ଘାଟି ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ତୀର୍ଥଯାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ୧୧୪ଟି ଦଳରେ ଯାଇଥିବା ଯାତ୍ରୀମାନଙ୍କ ମଧ୍ୟରୁ ୧ ହଜାର ୭୩ ଜଣ ବଲ୍‌ତାଲ୍ ମୂଳଶିବିରରୁ ଏବଂ ୨ ହଜାର ୩୯୮ ଜଣ ପହଲଗାମ୍ ମୂଳଶିବିରରୁ ଅମରନାଥ ଗୁମ୍ଫାକୁ ଯାତ୍ରା କରିବେ ।

## ବାଂଲାଦେଶ ପ୍ରୋଟେଷ୍ଟ

ବାଂଲାଦେଶରେ ସରକାରୀ ଚାକିରିରେ ସ୍ଥାନ ସଂରକ୍ଷଣକୁ ବିରୋଧ କରି ଚାଲିଥିବା ପ୍ରତିବାଦ ଅଣାୟତ୍ତ ହେବାରୁ ସେଠାକାର ସରକାର କର୍ଫ୍ୟୁ ଲାଗୁ କରିଛନ୍ତି । ପରିସ୍ଥିତିକୁ ଆୟତ୍ତ କରିବା ଲାଗି ବାଂଲାଦେଶର ବିଭିନ୍ନ ଅଞ୍ଚଳରେ

ସେନା ମୁତୟନ କରାଯାଇଛି । ସେଠାରେ ସରକାରୀ ଚାକିରିରେ କୋଟା ବ୍ୟବସ୍ଥା ଉଚ୍ଛେଦ ଲାଗି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା ପ୍ରତିବାଦ ଏବଂ ବିକ୍ଷୋଭ ପ୍ରଦର୍ଶନ ମଧ୍ୟରେ ୧୦୫ ଜଣ ନାଗରିକଙ୍କର ମୃତ୍ୟୁ ଘଟିଛି । ବିଭିନ୍ନ ସ୍ଥାନରେ ପୁଲିସ୍ ଓ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଛି । ୧୫ ବର୍ଷ ହେବ ଦେଶର ଶାସନଭାର ସମ୍ଭାଳିଥିବା ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସରକାର ପରିସ୍ଥିତିର ମୁକାବିଲା ଲାଗି ଉଦ୍ୟମ କରୁଥିବା ଜଣାପଡ଼ିଛି ।

ଗଣମାଧ୍ୟମକୁ ସୂଚନା ଦେଇ ଶେଖ୍ ହାସିନାଙ୍କ ଗଣମାଧ୍ୟମ ସଚିବ ନୟିମୁଲ୍ ଇସ୍‌ଲାମ୍ ଖାଁ କହିଛନ୍ତି, ସାଧାରଣ ନାଗରିକଙ୍କୁ ସୁରକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ କର୍ଫ୍ୟୁ ଲାଗ କରାଯିବା ସହ ସେନା ମୁତୟନ କରାଯାଇଛି । ଗତକାଲି ଢାକାରେ ପୁଲିସ୍ ପକ୍ଷରୁ ସମସ୍ତ ପ୍ରକାର ର୍‌ୟାଲି, ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ ଉପରେ କଟକଣା ଜାରି କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଂଲାଦେଶରେ ମୋବାଇଲ୍ ଇଣ୍ଟରନେଟ୍ ସହ ସମସ୍ତ ସାମାଜିକ ଗଣମାଧ୍ୟମ ବ୍ୟବସ୍ଥାକୁ ଅଚଳ କରି ଦିଆଯାଇଛି । ଅନେକଗୁଡ଼ିଏ ସ୍ଥାନରେ ପୁଲିସ୍ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ଜାରି ରହିଛି । ଗତକାଲି ବିକ୍ଷୋଭକାରୀମାନେ ଏକ କେନ୍ଦ୍ରୀୟ ଜେଲ୍‌ରୁ କଏଦୀମାନଙ୍କୁ ମୁକ୍ତ କରିଦେବା ସହ ସମ୍ପୃକ୍ତ ଜେଲ୍‌ରେ ନିଆଁ ଲଗାଇ ଦେଇଛନ୍ତି ।

ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ସେଠାରେ ରହୁଥିବା ଭାରତୀୟମାନଙ୍କୁ ସତର୍କତା ଅବଲମ୍ବନ କରିବା ଲାଗି କୁହାଯାଇଛି । ଆବଶ୍ୟକ ସମୟରେ ସେଠାରେ ଥିବା ଭାରତୀୟ ଦୂତାବାସ ସେମାନଙ୍କୁ ସହାୟତା ପ୍ରଦାନ କରିବ ବୋଲି କୁହାଯାଇଛି । ଏନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈଶ୍ୱାଲ୍ କହିଛନ୍ତି, ବାଂଲାଦେଶରେ ୮ ହଜାର ୫୦୦ ଛାତ୍ରଛାତ୍ରୀଙ୍କ ସମେତ ୧୫ ହଜାରରୁ ଅଧିକ ଭାରତୀୟ ବସବାସ କରୁଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ପରିସ୍ଥିତି ଉପରେ ନଜର ରଖିଥିବା ସେ କହିଛନ୍ତି । ଆବଶ୍ୟକ ପଡ଼ିଲେ ସେଠାରେ ରହୁଥିବା ଭାରତୀୟଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି :

***Voice :..........***

## ବୈଷ୍ଣବ ଟେକ୍ନିକାଲ ଏଜୁକେସନ୍

ଦେଶରେ ସରକାରୀ ବୈଷୟିକ ଶିକ୍ଷାକ୍ଷେତ୍ରକୁ ବିକଶିତ କରିବା ଲାଗି କେନ୍ଦ୍ର ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ସରକାରୀ ଠବୈଷୟିକ ଇଞ୍ଜିନିୟରିଂ ପ୍ରତିଷ୍ଠାନଗୁଡ଼ିକୁ ଏହି କ୍ଷେତ୍ରର ବିକାଶ ଲାଗି ନୂଆ ପ୍ରସ୍ତାବ ଦେବା ଲାଗି ସେ

ଆହ୍ୱାନ ଦେଇଛନ୍ତି ।  ମହାରାଷ୍ଟ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଚନ୍ଦ୍ରକାନ୍ତ ଦାଦା ପାଟିଲ୍‌ଙ୍କ ସହ ଆଲୋଚନା ସମୟରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଉନ୍ନତ ବୈଷୟିକ ଶିକ୍ଷାଦାନ ନିମନ୍ତେ କେନ୍ଦ୍ର ସରକାର ସମସ୍ତଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରୁଥିବା କହିଛନ୍ତି ।

## ଆଇ.ସି.ଜେ. - ଇସ୍ରାଏଲ୍

ଜାତିସଂଘର ଶୀର୍ଷ ଅଦାଲତ ଇଣ୍ଟରନ୍ୟାସନାଲ୍ କୋର୍ଟ ଅଫ୍ ଜଷ୍ଟିସ୍ ୱେଷ୍ଟ ବ୍ୟାଙ୍କ୍ ଏବଂ ଜେରୁଜେଲମ୍‌ର ପୂର୍ବାଞ୍ଚଳରେ ଇସ୍ରାଏଲ୍‌ର ଉପସ୍ଥିତିକୁ ଅବୈଧ ବୋଲି କହିଛି । ଆଇ.ସି.ଜେ. ଇସ୍ରାଏଲ୍‌ର ନୀତିଗୁଡ଼ିକୁ ବେନିୟମ ବୋଲି ଦର୍ଶାଇବା ସହ ଖୁବ୍ ଶୀଘ୍ର ସେଠାରେ ଗତିବିଧି ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇଛି । ଇସ୍ରାଏଲ୍ ଅଧିକାର କରିଥିବା ଅଞ୍ଚଳରୁ ଲୋକମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଆଇ.ସି.ଜେ. କହିଛି । ଏହି ଆନ୍ତର୍ଜାତିକ ନ୍ୟାୟାଳୟ ଇସ୍ରାଏଲ୍‌ର ନେତାମାନଙ୍କୁ ନିନ୍ଦା କରିଛି ।

## ୱିମେନ୍‌ସ କ୍ରିକେଟ୍

ଭାରତୀୟ ମହିଳା କ୍ରିକେଟ୍ ଦଳ ପାକିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ଗତକାଲି ଶ୍ରୀଲଙ୍କାର ଦାମ୍ବୁଲାଠାରେ ଅନୁଷ୍ଠିତ ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ୧୪

ଓଭର୍ ଗୋଟିଏ ବଲ୍‌ରେ ୩ ୱିକେଟ୍ ବିନିମୟରେ ୧୦୯ ରନ୍ ସ୍କୋର କରିଥିଲା । ଭାରତୀୟ ଓପ୍‌ନର୍ ସ୍ମୃତି ମନ୍ଧାନା ୪୫ ରନ୍ ଏବଂ ଶେଫାଳି ବର୍ମା ୪୦ ରନ୍ ସ୍କୋର କରିଥିଲେ । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ମହିଳା କ୍ରିକେଟ୍ ଦଳ ୧୯ ଓଭର୍ ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୦୮ ରନ୍ କରିବାକୁ ସକ୍ଷମ ହୋଇଥିଲା ।  ଦୀପ୍ତି ଶର୍ମା ମାତ୍ର ୨୦ ରନ୍‌ରେ ୩ଟି ୱିକେଟ୍ ଅକ୍ତିଆର କରିଥିଲେ ।

ଏହି ଶୃଙ୍ଖଳାରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ମାଲେସିଆ ଓ ଥାଇଲାଣ୍ଡ୍ ମଧ୍ୟରେ ଭାରତୀୟ ସମୟ ଅପରାହ୍ଣ ୨ଟାରେ ଏବଂ ଦ୍ୱିତୀୟ ମ୍ୟାଚ୍ ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟ ସନ୍ଧ୍ୟା ୭ଟାରେ ଖେଳାଯିବ । ଆସନ୍ତାକାଲି ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ୍ ମଧ୍ୟରେ ଖେଳାଯିବ । ଏହି ଶୃଙ୍ଖଳାରେ ଦୁଇଟି ଗ୍ରୁପ୍‌ରେ ୪ଟି ଲେଖାଏଁ ଦେଶ ରହିଛନ୍ତି । ଗ୍ରୁପ୍-ଏ’ରେ ଭାରତ, ପାକିସ୍ତାନ, ନେପାଳ ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ୍ ଥିବାବେଳେ ଗ୍ରୁପ୍-ବି’ରେ ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ ଏବଂ ମାଲେସିଆ ଅଛନ୍ତି । ଏପର୍ଯ୍ୟନ୍ତ ଖେଳାଯାଇଥିବା ୯ଟି ଏସିଆ କପ୍ ମହିଳା କ୍ରିକେଟ୍‌ରେ ଭାରତ ୭ ଥର ଚମ୍ପିୟନ୍ ହୋଇଛି ।

*****